# NATIONAL NEWS BULLETIN (ODIA)

## 3 February - 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକସଭାରେ ଜାରି ରହିଛି ଧନ୍ୟବାଦ ପ୍ରସ୍ତାବ ଆଲୋଚନା ।

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ଶେଷ ହେଉଛି ପ୍ରଚାର କାର୍ଯ୍ୟ । ଆସନ୍ତା ୫ ତାରିଖରେ ଭୋଟ୍ ଗ୍ରହଣ ।

- ତୃତୀୟ ଅମୃତ ସ୍ନାନ ଅବସରରେ ମହାକୁମ୍ଭ ମେଳାରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ବୁଡ ପକାଇଲେ ୧ କୋଟିରୁଅଧିକ ଶ୍ରଦ୍ଧାଳୁ ।

- ଆମେରିକା ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଲାଗୁ କଲେ କାନାଡା ଓ ମେକ୍ସିକୋ ସରକାର ।

ଏବଂ

- ୧୦ମିଟର ପୁରୁଷ ବର୍ଗ ଏୟାରପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଲେ କର୍ଣ୍ଣାଟକର ଜନାଥନ ଗାଭିନ ଆଣ୍ଟୋନି ।

## ଏଲ୍ଏସ୍-ମୋସନ ଅଫ୍ ଥ୍ୟାଙ୍କ୍ସ

ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ପରେ ଆଜି ସଂସଦର ଉଭୟ ଗୃହର କାର୍ଯ୍ୟ କିଛିସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଏବେ ପୁଣି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି ।  ବିଜେପି ସଦସ୍ୟ ରାମବୀର ସିଂହ ବିଧୁରି ଆଜି ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କଲ୍ୟାଣମୂଳକ ଯୋଜନା ଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ । ଆପ୍ ନେତୃତ୍ୱାଧୀନ ଦିଲ୍ଲୀ ସରକାର ଦିଲ୍ଲୀରେ ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି କେନ୍ଦ୍ରୀୟ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିନଥିବା ନେଇ ଅଭିଯୋଗ କରିଥିଲେ । ଦିଲ୍ଲୀ ସରକାର   ଜେଜେ କଲୋନୀର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରିଥିବା ଶ୍ରୀ ବିଧୁରି ଅଭିଯୋଗ କରିଥିଲେ । ଦିଲ୍ଲୀ ଜଳ ବୋର୍ଡ ୭୫ ହଜାର କୋଟି ଟଙ୍କା କ୍ଷତି କରିଥିବା ସେ କହିଛନ୍ତି । ଦିଲ୍ଲୀରେ ବାୟୁ ପ୍ରଦୂଷଣ, ଖରାପ ରାସ୍ତା ପରିସ୍ଥିତି ପାଇଁ ସେ ଆପ୍ ସରକାରଙ୍କୁ ଦାୟୀ କରିଥିଲେ । ସରକାରୀ ରାଜସ୍ୱ ଖର୍ଚ୍ଚ କରି ଆପ୍‌ର ଆବାହକ ଅରବିନ୍ଦ କେଜରିୱାଲ ବିଳାସପୂର୍ଣ୍ଣ ସରକାରୀ ବାସଭବନ ନିର୍ମାଣ କରିଥବା ସେ ଅଭିଯୋଗ କରିଛନ୍ତି ।

## ପାର୍ଲ୍ୟାମେଣ୍ଟ-କୁମ୍ଭ

ମହାକୁମ୍ଭରେ ଘଟିଥିବା ଦଳାଚକଟା ଘଟଣା ଉପରେ ଆଲୋଚନା ଦାବି କରି ସଂସଦର ଉଭୟ ଗୃହରୁ ବିରୋଧୀଦଳ କକ୍ଷତ୍ୟାଗ କରିଥିଲେ । ଆଜି ସକାଳେ ଲୋକସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ

ଦଳ ପକ୍ଷରୁ ମହାକୁମ୍ଭରେ ହୋଇଥିବା ଅବ୍ୟବସ୍ଥା ଅଭିଯୋଗ କରି ହଟ୍ଟଗୋଳ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା କହିଥିଲେ ରାଷ୍ଟ୍ରପତି ତାଙ୍କ ପ୍ରାରମ୍ଭିକ ଅଭିଭାଷଣରେ ମହାକୁମ୍ଭ ସମ୍ପର୍କରେ ମତାମତ ଦେଇଥିଲେ । ସଦସ୍ୟମାନେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରଦାନ ସମୟରେ ସେମାନଙ୍କର ମତାମତ ଦେଇପାରିବେ । ସଦସ୍ୟମାନଙ୍କୁ ଗୃହରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ଗୃହକାର୍ଯ୍ୟ ଆଗେଇ ନେବା ପାଇଁ ବାଚସ୍ପତି ଆହ୍ୱାନ ଦେଇଥିଲେ । ତେବେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ ଓ ଅନ୍ୟାନ୍ୟ ଦଳ ପକ୍ଷରୁ ବିକ୍ଷୋଭ ଜାରି ରହିଥିଲା । ପରେ ବିରୋଧୀଦଳ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ରାଜ୍ୟସଭାରେ ସମାନ ପରିସ୍ଥିତି ଦେଖାଦେଇଥିଲା । ଅଧ୍ୟକ୍ଷ ଜଗଦୀପ ଧନଖଡ ମହାକୁମ୍ଭ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ । ଏହାର ପ୍ରତିବାଦରେ କଂଗ୍ରେସ, ସମାଜବାଦୀ ପାର୍ଟି, ଶିବସେନା, ଆର୍‌ଜେଡି ସମେତ ଅନ୍ୟାନ୍ୟ ବିରୋଧୀଦଳ କକ୍ଷତ୍ୟାଗ କରିଥିଲେ ।

## ଦିଲ୍ଲୀ-ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟର ଆଜି ହେଉଛି ଶେଷ ଦିବସ । ବିଜେପି, ଆପ୍ ଓ  କଂଗ୍ରେସ ଦଳର ଷ୍ଟାର ପ୍ରଚାରକ ତଥା ବରିଷ୍ଠ ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ଜନସମାବେଶ, ରୋଡ୍ ଶୋ’ ତଥା ଘରକୁଘର ବୁଲି ମତଦାତାମାନଙ୍କୁ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବାରେ ପ୍ରୟାସ ଜାରି ରଖିଛନ୍ତି ।

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ଆସନ୍ତା ୫ ତାରିଖ ବୁଧବାର ଦିନ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ୮ ତାରିଖ ଶନିବାର ଦିନ ଗଣତି କରାଯିବ । ଏହି ନିର୍ବାଚନରେ ମୋଟ୍ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଏ ସଂପର୍କରେ ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରେ ମୁଖ୍ୟତଃ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତା ହେଉଛି । ମୋଟ୍ ୧ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରି ଏହି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେଥିଲାଗି ମୋଟ୍ ୧୩ ହଜାର ୭୬୦ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ।

ଏହି ନିର୍ବାଚନରେ ଅଧିକ ମତଦାତା ଯେଭଳି ଅଂଶ ଗ୍ରହଣ କରିପାରିବେ, ତାହା ସୁନିଶ୍ଚିତ କରିବା ଲାଗି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଭୋଟର ଅନୁକୂଳ ପଦକ୍ଷେପମାନ ନିଆଯାଇଛି ।

ନିର୍ବାଚନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ମତଦାନ ଲାଗି ୩୫ ହଜାର ଦିଲ୍ଲୀ ପୋଲିସ୍ ଯବାନଙ୍କ ସମେତ ୧୯ ହଜାର ଗୃହରକ୍ଷୀ ତଥା ୨୨୦କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଯବାନମାନଙ୍କୁ ମଧ୍ୟ ମୁତୟନ କରାଯିବା ଲାଗି ବ୍ୟବସ୍ଥା ହୋଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଇସି-ଏକ୍‌ଜିଟ୍ ପୋଲ

ଦିଲ୍ଲୀ ବିଧାନସଭା ନିର୍ବାଚନ ଓ ଉତ୍ତର ପ୍ରଦେଶର ଗୋଟିଏ ଆସନ ପାଇଁ ହେଉଥିବା ଉପନିର୍ବାଚନ ଦିନ ସକାଳ ୭ଟାରୁ ସଂଧ୍ୟା ୬ଟା ୩୦ ମିନିଟ୍ ମଧ୍ୟରେ ସମସ୍ତ ଏକ୍‌ଜିଟ୍ ପୋଲ୍ ଉପରେ ନିର୍ବାଚନ କମିଶନ ରୋକ ଲଗାଇଛନ୍ତି । ନିର୍ବାଚନ କମିଶନ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଏହି କଟକଣା ସମସ୍ତ ଟିଭି, ରେଡ଼ିଓ ଚ୍ୟାନେଲ, ଖବରକାଗଜ ଓ ସମ୍ବାଦ ସରବରାହ ସଂସ୍ଥା ପାଇଁ ଲାଗୁ କରାଯାଇଛି । ଏହାଛଡା ବୈଦ୍ୟୁତିକ ଗଣମାଧ୍ୟମରେ ନିର୍ବାଚନର ୪୮ଘଣ୍ଟା ପୂର୍ବରୁ କୌଣସି ପ୍ରକାର ଓପିନିୟନ ପୋଲ ଓ ସର୍ଭେ ଫଳାଫଳ ଉପରେ ମଧ୍ୟ କଟକଣା ଲଗାଯାଇଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ଆସନ୍ତା ବୁଧବାର ଦିନ ଅନୁଷ୍ଠିତ ହେବାକୁ ଥିବାବେଳେ ମତଗଣନା ଚଳିତମାସ ୮ ତାରିଖ ବୁଧବାର ଦିନ ହେବ ।

# ମହାକୁମ୍ଭ-ଅମୃତ ସ୍ନାନ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ବସନ୍ତ ପଞ୍ଚମୀ ଅବସରରେ ଆଜି ମହାକୁମ୍ଭରେ ତୃତୀୟ ଅମୃତ ସ୍ନାନରେ ପୂର୍ବାହ୍ନ ୧୨ଟା ସୁଦ୍ଧା ୧କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇଥିବା ଜଣାପଡିଛି । ଶ୍ରଦ୍ଧାଳୁମାନେ ବହୁସଂଖ୍ୟାରେ ଆଜି ସକାଳେ ଗଙ୍ଗାଆରତୀ କରିଥିଲେ । ସୂଚନାଯୋଗ୍ୟ ପୂର୍ବରୁ  ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଏବଂ ୨୯ ତାରିଖ ମୌନୀ ଅମାବାସ୍ୟା ଦିନ ଅନୁଷ୍ଠିତ ପ୍ରଥମ ଦୁଇଟି ଅମୃତସ୍ନାନରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ ପକାଇଥିଲେ ।  ମହାନିର୍ବାଣୀ ପଞ୍ଚାୟତି

ଆଖଡ଼ା ଏବଂ ଶମ୍ଭୂ ପଞ୍ଚାୟତି ଅଟଳ ଆଖଡ଼ା ଆଜି ପ୍ରତ୍ୟୁଷରେ ପ୍ରଥମେ ତ୍ରିବେଣୀ ସଂଗମଠାରେ ଏହି ପବିତ୍ର ସ୍ନାନ ଅବସରରେ ବୁଡ଼ ପକାଇଥିଲେ । ଏଥିଲାଗି ୫୦ ହଜାରରୁ ଊର୍ଦ୍ଧ୍ୱ ପୋଲିସ୍ କର୍ମଚାରୀଙ୍କ ସମେତ ଅର୍ଦ୍ଧସାମରିକ ବାହିନୀକୁ ମଧ୍ୟ ସେଠାରେ ମୁତୟନ କରାଯାଇଛି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱର ଏହି ସର୍ବବୃହତ ଧାର୍ମିକ ସମାଗମରେ ଏପର୍ଯ୍ୟନ୍ତ ୩୬ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ସାରିଛନ୍ତି ।

## ବିମାନ ଉଡାଣ

ବେସାମରିକ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି ନଏଡାସ୍ଥିତ ଏସିଆର ବୃହତ୍ତମ ଜେୱାର ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆସନ୍ତା ଏପ୍ରିଲ ମାସରୁ ନିୟମିତ ବିମାନ ଉଡାଣ ଚାଲିବ । ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ବିମାନ ବନ୍ଦରର କାର୍ଯ୍ୟ ଜାରି ରହିଛି । ସେ କହିଛନ୍ତି ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର । ପ୍ରତିବର୍ଷ ଦେଶରେ ୧ହଜାର ୬୦୦ଜଣକୁ କମର୍ସିଆଲ ପାଇଲଟ ଲାଇସେନ୍ସ ପ୍ରଦାନ କରାଯାଉଛି । ଦେଶରେ ୫୪ଟି ବିମାନ ପ୍ରଶିକ୍ଷଣ ଅନୁଷ୍ଠାନ କାର୍ଯ୍ୟ କରୁଛି । ୨୦୨୨ ମସିହାରେ ବିମାନ ଉଡାଣ କ୍ଷେତ୍ରରେ ବୈଷୟିକ ତ୍ରୁଟିଜନିତ ସମସ୍ୟା ୭୨୩ ଥିବାବେଳେ ଏବେ ଏହା ୨୭୩କୁ ହ୍ରାସ ପାଇଛି । ଉଡାନର ସମ୍ପ୍ରସାରିତ ଯୋଜନାରେ ଆସନ୍ତା ୧୦ବର୍ଷ ମଧ୍ୟରେ

ଦେଶରେ ଆଉ ୧୦୦ଟି ନୂତନ ବିମାନ ବନ୍ଦର ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ।

## କାନାଡା-ମେକ୍ସିକୋ ଟାରିଫ୍‌ସ

କାନାଡା ଓ ମେକ୍ସିକୋ ଆମେରିକାର ଉତ୍ପାଦ ଉପରେ ଜବାବି ଆମଦାନୀ ଶୁଳ୍କ ଲାଗୁ କରିଛନ୍ତି । ଗତକାଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଓ ଚୀନ ଉପରେ ଅତିରିକ୍ତ ଆମଦାନୀ ଶୁଳ୍କ ଲଗାଇବା ପରେ ମେକ୍ସିକୋ-କାନାଡ଼ା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଆମେରିକାର ୩୦ ବିଲିୟନ ଡଲାର ସାମଗ୍ରୀ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ କାନାଡା ଲଗାଇଛି । ଏହା ଆସନ୍ତାକାଲିଠାରୁ ଲାଗୁ ହେବ । ଆମଦାନୀ ଶୁଳ୍କ ଲାଗୁ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ତାଲିକା ଜନସାଧାରଣଙ୍କ ସହ ପରାମର୍ଶ ପରେ ଜାରି କରାଯିବ । ଅନ୍ୟପକ୍ଷରେ ମେକ୍ସିକୋ ଆମେରିକାର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଲଗାଇବ ବୋଲି ଘୋଷଣା କରିଛି । କାନାଡା ଓ ମେକ୍ସିକୋ ଉପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ୨୫ ପ୍ରତିଶତ ଶୁଳ୍କ ଲଗାଯିବା ପରେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୁ ଓ ମେକ୍ସିକୋ ପ୍ରଧାନମନ୍ତ୍ରୀ କ୍ଲାଉଡିଆ ସେନବମ୍‌ଙ୍କ ମଧ୍ୟରେ ଗତ ଶନିବାର ଦିନ ଟେଲିଫୋନ୍ ଯୋଗେ ଆଲୋଚନା ହୋଇଛି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିବା ପାଇଁ ସହମତି ପ୍ରକାଶ ପାଇଥିବା କାନାଡାର ପ୍ରଧାନମନ୍ତ୍ରୀ କହିଛନ୍ତି ।

# ମୁମ୍ବାଇ ଓପନ ଟେନିସ

ମୁମ୍ବାଇ ଓପନ ଟେନିସ୍ ୨୦୨୫ରେ ଆଜି ମହିଳା ସିଙ୍ଗଲ୍ସରେ ଭାରତର ଏକନମ୍ବର ଖେଳାଳି ଶାହାଜାନ ୟମଲାପଲୀ ଥାଇଲାଣ୍ଡର ଲାନ୍‌ଲାନା ତରାରୁଦିଙ୍କୁ ଭେଟିବେ । ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ସେହିଭଳି ଆସନ୍ତାକାଲି ଅଙ୍କିତା ରାଇନା ଓ ବୈଷ୍ଣବୀ ଅଦକରଙ୍କ ମଧ୍ୟରେ ଆସନ୍ତାକାଲି ମୁକାବିଲା ହେବ । ମିକ୍ସଡ ଡବଲ୍ସରେ ଭାରତର ପ୍ରାର୍ଥନା ଥୋମ୍ବାରେ ଓ ନେଦରଲ୍ୟାଣ୍ଡର ଆରିଆନେ ହାର୍‌ତୋନଙ୍କ ଯୋଡ଼ି ଆସନ୍ତାକାଲି ଥାଇଲାଣ୍ଡ ଓ ଜାପାନର ଯୋଡ଼ିଙ୍କ ବିପକ୍ଷରେ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **କ୍ୟାନସର ସଚେତନତା-ଚିହ୍ନଟ, ଚିକିତ୍ସା ଓ ନିରାକରଣ ପ୍ରେରଣାଦାୟୀ ପ୍ରଚେଷ୍ଟା ।** ବିଶିଷ୍ଟ କ୍ୟାନସର ବିଶେଷଜ୍ଞ ଡକ୍ଟର ଡୋଲ୍ଡୁଲ ମଣ୍ଡଳ ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନଙ୍କୁ ରାତି ୯ଟା ୩୦ ମିନିଟ୍ ପରଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଉତ୍ତରାଖଣ୍ଡ ନ୍ୟାସନାଲ ଗେମ୍ସ

ଉତ୍ତରାଖଣ୍ଡରେ ଜାରି ରହିଥିବା ଜାତୀୟ କ୍ରୀଡ଼ାରେ କର୍ଣ୍ଣାଟକର ଜନାଥନ ଗାଭିନ ଆଣ୍ଟୋନି ୧୦ମିଟର ପୁରୁଷ ବିଭାଗ ଏୟାର ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ପ୍ରତିଯୋଗିତାରେ ରବୀନ୍ଦ୍ର ସିଂହ ରୌପ୍ୟ ଓ ଗୁରୁପ୍ରୀତ ସିଂହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି କ୍ରୀଡ଼ାରେ ସେନାବାହିନୀ ୧୭ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୮ଟି ବ୍ରୋଞ୍ଜ ପଦକ ପାଇ ତାଲିକାର ପ୍ରଥମ ସ୍ଥାନରେ ରହିଛି । କର୍ଣ୍ଣାଟକ ୧୭ଟି ସ୍ୱର୍ଣ୍ଣ ୯ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ହାସଲ କରି ଦ୍ୱିତୀୟ ସ୍ଥାନ ଏବଂ ମହାରାଷ୍ଟ୍ର ୧୩ଟି ସ୍ୱର୍ଣ୍ଣ, ୨୩ଟି ରୌପ୍ୟ, ୧୬ଟି ବ୍ରୋଞ୍ଜପଦକ ହାସଲ କରି ତୃତୀୟ ସ୍ଥାନରେ ରହିଛନ୍ତି ।